ODM EDUCATIONAL GROUP
Changing your Tomorrow

# ODM PUBLIC SCHOOL

CLASS : v
SUBJECT : (ଓଡିଆ)
CHAPTER NUMBER:04
CHAPTER NAME : ନୂଆଖାଇ
SUBTOPIC :ଶବ୍ଦାର୍ଥ,ବାକ୍ୟଗଠନ

# ନୂଆଖାଇ

ବିପିନ ବିହାରୀ ବିଶି

ନୂଆ ଖାଇସାରି ଘରର ଝିଅବୋହୂମାନେ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ବାହାରି ପଡନ୍ତି 'ନୂଆଖାଇ ଭେଟଘାଟ' ପାଇଁ । ଘରଘର ସାହିସାହି ବୁଲି ଗୁରୁଜନମାନଙ୍କୁ ମୁଣ୍ଡିଆ ମାରି ଜୁହାର ହୁଅନ୍ତି । ବୁଢାବୁଢୀମାନେ ହସଖୁସିରେ କହନ୍ତି 'ବଞ୍ଚିଥିଲେ ଆର ବରଷକେ ଦେଖା ହେମାଁ'। ଏହି ପର୍ବରେ ବୁଢାବୁଢୀଠାରୁ ଆରମ୍ଭ କରି ପିଲାମାନଙ୍କ   ପର୍ଯ୍ୟନ୍ତ ସମସ୍ତେ ଗାଁର ମନ୍ଦିରକୁ ଯାଇ ଦେବଦର୍ଶନ କରିବାର ବିଧି ଅଛି । 'ଖରିଫ ଓ ରବି ଫସଲର ଉତ୍ପାଦନ ବଢୁ ଏବଂ ସଂସାରରୁ ଅନ୍ନ କଷ୍ଟ ଦୂର ହେଉ' ବୋଲି ଠାକୁରଙ୍କ ପାଖରେ ପ୍ରାର୍ଥନା କରାଯାଏ । ସଞ୍ଜ ନଇଁ ଆସିଲେ ଖେଳକୁଦ,ମଉଜମଜଲିସରେ ସମସ୍ତେ ମଜ୍ଜି ଯାଆନ୍ତି । ଘୁମୁରାନାଚ,ଭଜନ, କୀର୍ତ୍ତନ,ନାଟ-ତାମସା ଓ ଖିଆପିଆରେ ଲୋକେ ନିଜକୁ ହଜାଇ ଦିଅନ୍ତି । ବିଶେଷ କରି ଆଦିବାସୀ ସଂପ୍ରଦାୟ ଲୋକଙ୍କ ନାଚଗୀତ ଓ ବାଦ୍ୟ ବେଶ ଆନନ୍ଦଦାୟକ ହୋଇଥାଏ । ସେମାନେ ଏହି ପର୍ବକୁ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳନ କରିଥାନ୍ତି ।

Edit with WPS Office

ODM PUBLIC SCHOOL
SCHOOL OF HUMAN EXCELLENCE

# ଶବ୍ଦାର୍ଥ

ଦେବଦର୍ଶନ –ଠାକୁର ଦର୍ଶନ
ବିଧି–ନିୟମ
ଖରିଫ ଫସଲ – ଶୀତକାଳୀନ ଫସଲ
ରବିଫସଲ-ବସନ୍ତକାଳୀନ ଫସଲ
ଉତ୍ପାଦନ – ଅମଳ,ଆୟ
ଉଦ୍ଦୀପନା –ଉତ୍ସାହ,ଆନନ୍ଦ

ODM EDUCATIONAL GROUP
Changing your Tomorrow
Edit with WPS Office

ODM EDUCATIONAL GROUP
Changing your Tomorrow

# ନୂଆଖାଇ

ନୂଆଖାଇ ଏକ ସାମାଜିକ ଓ କୃଷିଭିତ୍ତିକ ପର୍ବ । ଏହି ପର୍ବ ପାଳନ ଫଳରେ ନୂଆ ଫସଲ ଅମଳ ପାଇଁ କୃଷକ ମନରେ ଆନନ୍ଦ ଓ ଉତ୍ସାହ ବଢିଥାଏ । ଏ ପର୍ବ ଉପଲକ୍ଷେ ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଆଗରୁ ଆସି ଘରେ ପହଞ୍ଚିଥାନ୍ତି । ଏହି ପର୍ବର ବିଶେଷତ୍ୱ ହେଲା ଏହା ଜନସାଧାରଣଙ୍କୁ ସାମାଜିକ ବନ୍ଧନର ଗୁରୁତ୍ୱ ଶିଖାଇଥାଏ । ବ୍ୟକ୍ତି ବ୍ୟକ୍ତି ମଧ୍ୟରେ ମାନବିକତା ଓ ଭ୍ରାତୃତ୍ୱ ଭାବନା ସୃଷ୍ଟି କରିଥାଏ । ଏଥିରେ ଜାତି ଅଜାତି,ଉଚ୍ଚନୀଚ ଭେଦଭାବ ନ ଥାଏ । ସମସ୍ତଙ୍କ ମନରୁ ବାଦ-ବିବାଦ,ମାନ-ଅଭିମାନ,ରାଗରୁଷା ଅପସରି ଯାଇଥାଏ । ଆମର ବ୍ୟକ୍ତିଗତ ଓ ସାମାଜିକ ଜୀବନ ସଦଭାବନାରେ ପୂରି ଉଠେ । ଆମର ଧର୍ମ,ସଂସ୍କୃତି ଓ ପରମ୍ପରାକୁ ଠିକ ବାଟରେ ପରିଚାଳିତ କରିବାରେ ଏହା ବିଶେଷ ସହାୟକ ହୁଏ ।

Edit with WPS Office

# ଶବ୍ଦାର୍ଥ

ବିଶେଷତ୍ୱ--ସ୍ୱତନ୍ତ୍ରତା ଗୁରୁତ୍ୱ--
ମର୍ଯ୍ୟାଦା
ଭେଦଭାବ –ବାଛବିଚାର
ଅପସରି- ଦୂର ହୋଇଯିବା
ସଦଭାବନା-ଉତ୍ତମ ଚିନ୍ତାଧାରା
ସହାୟକ- ସାହାଯ୍ୟକାରୀ
ପରମ୍ପରା –ଚଳିଆସୁଥିବା

ODM EDUCATIONAL GROUP
Changing your Tomorrow
Edit with WPS Office

ODM
EDUCATIONAL GROUP
Changing your Tomorrow

# ଗୃହକର୍ମ

କଷ୍ଟଶବ୍ଦ ଗୁଡିକୁ ବ୍ୟବହାର କରି ବାକ୍ୟଗଠନ କର ।

Edit with WPS Office

ODM EDUCATIONAL GROUP
Changing your Tomorrow

# LEARNING OUTCOME:

ନୂଆଖାଇ ପର୍ବ ଓ ଏହାର ପାଳନ ବିଧି  ସଂପର୍କରେ ଜାଣିବା ।

Edit with WPS Office

ODM EDUCATIONAL GROUP
Changing your Tomorrow

# THANKING YOU

# ODM EDUCATIONAL GROUP

Edit with WPS Office